POSCO-India

# INFORMATION NOTE

## ଭାରତରେ ପୋସ୍କୋର କାର୍ଯ୍ୟନିର୍ବାହୀ ବୋର୍ଡ ବୈଠକ

ଭୁବନେଶ୍ୱର,୧୮/୧୦/୨୦୦୭: ବିଶ୍ୱର ୪ର୍ଥ ବୃହତ୍ତମ ଇସ୍ପାତ ଉତ୍ପାଦନକାରୀ କମ୍ପାନୀ ପୋସ୍କୋ, ଏହାର ୨୦୦୭ ବର୍ଷର ୬ଷ୍ଠ ବୋର୍ଡ ବୈଠକ ଭାରତରେ ଅକ୍ଟୋବର ୧୯ ରେ କରିବାକୁ ନିର୍ଦ୍ଧାରିତ କରିଛି। ପୋସ୍କୋର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ କୁ-ତାକ୍-ଲି, ବରିଷ୍ଠ କାର୍ଯ୍ୟନିର୍ବାହୀ ଉପସଭାପତି ତଥା ପୋସ୍କୋ-ଇଣ୍ଡିଆର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସୋଙ୍ଗ-ସିକ୍-ଚୋ ଙ୍କ ସମେତ ପୋସ୍କୋ ବୋର୍ଡରେ ରହିଥିବା ୬ ଜଣ କାର୍ଯ୍ୟରତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ୯ ଜଣ ସ୍ୱାଧୀନ ନିର୍ଦ୍ଦେଶକ କମ୍ପାନୀର ନିୟମିତ ବ୍ୟାପାର ସମ୍ପର୍କରେ ଆଲୋଚନା କରିବା ପାଇଁ ନୂଆଦିଲ୍ଲୀ ଠାରେ ଏକ ବୈଠକରେ ମିଳିତ ହେବେ।

ଏହି ଗସ୍ତ ସମୟରେ, ବୋର୍ଡ ସଦସ୍ୟ ଏବଂ ବରିଷ୍ଠ ଅଧିକାରୀଗଣ ଭୁବନେଶ୍ୱରସ୍ଥିତ ପୋସ୍କୋ-ଇଣ୍ଡିଆ କର୍ପୋରେଟ୍ କାର୍ଯ୍ୟାଳୟ ପରିଦର୍ଶନ କରି ପୋସ୍କୋ-ଇଣ୍ଡିଆ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରିବେ।

ପୋସ୍କୋ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ କୁ-ତାକ୍-ଲି, ଏହି ଅବସରରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଉଚ୍ଚ ପଦାଧିକାରୀମାନଙ୍କୁ ଭେଟି ପ୍ରକଳ୍ପର ଅଗ୍ରଗତି ସମ୍ବନ୍ଧରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

କୋରିଆ ବାହାରେ ଏହାର ପ୍ରଥମ ସମନ୍ୱିତ ଇସ୍ପାତ ପ୍ରକଳ୍ପ କାର୍ଯ୍ୟ ଓଡିଶାରେ ଆରମ୍ଭ କରିବା ପାଇଁ କମ୍ପାନୀ ବିଶେଷ ଆଗ୍ରହୀ ଓ ଏହି ଇସ୍ପାତ କାରଖାନା ବିଶ୍ୱର ସର୍ବଶ୍ରେଷ୍ଠ ହେବ ବୋଲି ଲକ୍ଷ୍ୟ ରହିଛି। ଓଡିଶାରେ ପ୍ରସ୍ତାବିତ ୧୨ ନିୟୁତ ଟନ୍ ବୃହତ୍ ଗ୍ରୀନଫିଲ୍ଡ ପ୍ରକଳ୍ପ ରାଜ୍ୟର ଅର୍ଥନୀତିକୁ ସମୃଦ୍ଧ କରିବା ସହ ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବାର ଲକ୍ଷ୍ୟ ରଖିଛି । ଏହି ପ୍ରକଳ୍ପ ବିଶ୍ୱ ଇସ୍ପାତ ଶିଳ୍ପରେ ପୋସ୍କୋର ଅଗ୍ରଣୀ ଭୂମିକା ଏବଂ ନେତୃତ୍ୱ ବଜାୟ ରଖିବା ଦିଗରେ ବିଶେଷ ଗୁରୁତ୍ୱପୂର୍ଣ୍ଣ

**ପୋସ୍କୋ ସମ୍ବନ୍ଧରେ:**

ପୋସ୍କୋ, ବିଶ୍ୱର ୪ର୍ଥ ବୃହତ୍ତମ ଇସ୍ପାତ ଉତ୍ପାଦନକାରୀ ଏବଂ ଅଗ୍ରଣୀ ଇସ୍ପାତ କମ୍ପାନୀ ମାନଙ୍କ ମଧ୍ୟରୁ ଗୋଟିଏ। ପୋସ୍କୋ, ଦକ୍ଷିଣ କୋରିଆର ପୋହାଙ୍ଗ୍ ଓ ଗ୍ୱାଙ୍ଗୟାଙ୍ଗ୍ ଠାରେ ବିଶ୍ୱର ଦୁଇଟି ଅଗ୍ରଣୀ ଇସ୍ପାତ କାରଖାନା ପରିଚାଳନା କରୁଛି, ଯାହାର ମିଳିତ ଉତ୍ପାଦନ କ୍ଷମତା ବାର୍ଷିକ ୩୧ ନିୟୁତ ଟନ୍। ଗ୍ୱାଙ୍ଗୟାଙ୍ଗ୍ ଇସ୍ପାତ କାରଖାନା ହେଉଛି ଗୋଟିଏ ସ୍ଥାନରେ ରହିଥିବା ବିଶ୍ୱର ସର୍ବବୃହତ୍ ଇସ୍ପାତ କାରଖାନା ଏବଂ ପୋହାଙ୍ଗ ହେଉଛି ବିଶ୍ୱର ଦ୍ୱିତୀୟ ବୃହତ୍ତମ ଇସ୍ପାତ କାରଖାନା। ପୋସ୍କୋ, ଓଡିଶାର ଜଗତସିଂହପୁର ଜିଲ୍ଲାର ପାରଦୀପ ନିକଟରେ ୧୨ ବିଲିୟନ ଆମେରିକୀୟ ଡଲାର (ପ୍ରାୟ ୫୨ ହଜାର କୋଟି ଟଙ୍କା) ପୁଞ୍ଜିନିବେଶରେ ବାର୍ଷିକ ୧୨ ନିୟୁତ ଟନ କ୍ଷମତା ବିଶିଷ୍ଟ ଗ୍ରୀନଫିଲ୍ଡ ଇସ୍ପାତ କାରଖାନା ସ୍ଥାପନ କରିବା ପାଇଁ ଜୁନ,୨୦୦୫ରେ ଓଡିଶା ସରକାରଙ୍କ ସହ ବୁଝାମଣା ପତ୍ର ସ୍ୱାକ୍ଷର କରିଛି।

**PR Department**
POSCO-India Pvt. Ltd.
5th Floor, Fortune Towers, Chandrasekharpur
Bhubaneswar – 751023, Orissa